## କୂଅରୁ ମା, ଝିଅଙ୍କ ମୃତଦେହ ଉଦ୍ଧାର

ବରଗଡ଼ ଅଫିସ୍,-ବରଗଡ଼ ଜିଲା ପାଇକମାଲ ଥାନା ଅନ୍ତର୍ଗତ କୁତ୍ରାମାଲ ଗ୍ରାମର ଏକ କୂଅରୁ ଗୁରୁବାର ରାତିରେ ମା, ଝିଅଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକମାନେ ହେଲେ ଉକ୍ତ ଗ୍ରାମର କ୍ଷୀରସାଗର ବନଛୁରଙ୍କ ସ୍ତ୍ରୀ ପ୍ରେମଲତା(୨୫) ଏବଂ ତାଙ୍କ ଚାରିବର୍ଷର ଶିଶୁକନ୍ୟା । ପୋଲିସ ଘଟଣାସ୍ଥଳରେ ମୃତଦେହ ଜଗି ରହିଛି । ତେବେ ମା,ଝିଅ ସେଠାରେ ଆତ୍ମହତ୍ୟା କରିଛନ୍ତି ନା ମୃତ୍ୟୁପଛରେ ଅନ୍ୟ କିଛି କାରଣ ରହିଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ ।



## ସଂକ୍ଷେପରେ

### ଇଟା ବୋଝେଇ ଟ୍ରାକ୍ଟର ଜବତ

**କୁଆଁରମୁଣ୍ଡା, ୬।୮ (ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ୧୪୩ ନମ୍ବର ଜାତୀୟ ରାଜପଥର ଯମୁନାନାକି ଛକ ନିକଟରୁ ଗୁରୁବାର ରାଜସ୍ୱ ବିଭାଗ ପକ୍ଷରୁ ଏକ ବେଆଇନ୍ ନାଲିଇଟା ବୋଝେଇ ଟ୍ରାକ୍ଟର(ଓଡି୧୬ଏ୩୪୩୧)କୁ ଜବତ କରାଯାଇଛି। ଟ୍ରାକ୍ଟର ଗୋବିରାରୁ ବେଦବ୍ୟାସ ଅଭିମୁଖେ ଯାଉଥିଲା। ଏହି ସମୟରେ କୁଆଁରମୁଣ୍ଡା ରାଜସ୍ୱ ବିଭାଗ କର୍ମଚାରୀ ଉକ୍ତ ଇଟା ବୋଝେଇ ଟ୍ରାକ୍ଟରକୁ ଧରିବାକୁ ପିଛା କରିବାରୁ ଗାଡି ଛାଡି ଚାଳକ ଫେରାର ହୋଇଯାଇଛନ୍ତି। ରାଜସ୍ୱ ବିଭାଗ ଟ୍ରାକ୍ଟରକୁ ଜବତ କରି କୁଆଁରମୁଣ୍ଡା ଫାଣ୍ଡିରେ ରଖିଛି। ଗାଡି ମାଲିକଙ୍କୁ ଡକାଯାଇ ନିୟମ ଅନୁଯାୟୀ ଜରିମାନା କରାଯିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ନାଲି ଇଟା ତିଆରିକୁ ସରକାରୀସ୍ତରରେ ବେଆଇନ ଘୋଷଣା କରାଯାଇଥିଲେ ବି କୁଆଁରମୁଣ୍ଡା ତହସିଲ ଅଞ୍ଚଳରେ କେତେକ ସ୍ଥାନରେ ନିର୍ମାଣ କରାଯାଉଛି ।

### ଟ୍ରକ୍ ଧକ୍କାରେ ଯୁବତୀ ମୃତ

**ରେଙ୍ଗାଲି, ୬।୮ (ଡି.ଏନ.ଏ.):** ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ୍ ୱେର ରେଙ୍ଗାଲି ଥାନା ଅନ୍ତର୍ଗତ ଗୁରୁପାଲି ପେଟ୍ରୋଲ ପମ୍ପ ନିକଟରେ ଏକ ଟ୍ରକ୍ ଧକ୍କାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ବୁଧବାର ରାତିରେ ରେଙ୍ଗାଲିରେ ପ୍ରବଳ ବର୍ଷା ହେଉଥିଲା। ଏହି ସମୟରେ ଝାରସୁଗୁଡାରୁ ସମ୍ବଲପୁର ପଟକୁ ଚାଲି ଚାଲି ଯାଉଥିବା ଜଣେ ଯୁବତୀଙ୍କୁ ଟ୍ରକ୍ (ଓଡି ୧୬- ୬୬୨୩) ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ଡ୍ରାଇଭର ଗାଡି ଛାଡି ଫେରାର ହୋଇଯାଇଥିଲେ। ରେଙ୍ଗାଲି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ପଠାଇଛି। ମୃତାଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ପାଖାପାଖି ୨୦ ବର୍ଷ ହେବ। ସେ ନୀଳ ଓ ଧଳା ରଙ୍ଗର ଶାର୍ଟ ଏବଂ କଳା ରଙ୍ଗର ପ୍ୟାଣ୍ଟ ପିନ୍ଧିଥିଲେ । ରେଙ୍ଗାଲି ପୋଲିସ ଟ୍ରକ୍‌କୁ ଜବତ କରିଛି ।

### ତାଲାଭାଙ୍ଗି ଘରୁ ଚୋରି, ପୋଲିସର ତନାଘନା

**ବଲାଙ୍ଗୀର ଅଫିସ, ୬।୮:** ବଲାଙ୍ଗୀର ସହର ଡୁଙ୍ଗୁରିପଡାର ଜଣେ ବ୍ୟକ୍ତିଙ୍କ ଘରୁ ଚୋରମାନେ ସୁନା, ରୂପା ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ଟାଉନ୍ ଥାନାରେ ଏକ ମାମଲା (ନଂ.୩୩୬/୨୦)ରୁଜୁ ହୋଇଛି। ଗୁରୁବାର ସାଇଣ୍ଟିଫିକ୍ ଟିମ୍ ସେଠାକୁ ଯାଇ ତଦନ୍ତ କରିଛି । ଡୁଙ୍ଗୁରିପଡା ନିବାସୀ ଚରଣ କୁମାର ମିଶ୍ର ୩/୪ ଦିନ ତଳେ ପରିବାର ସହ ଗାଁକୁ ଯାଇଥିଲେ। ଘରେ କେହି ନଥିବା ଦେଖି ଗତ ୩ ଦିନ ଧରି ଚୋରମାନେ ପଛପଟ ପାଚେରି ଡେଇଁ ଘର ଭିତରେ ପଶି ସୁନା ଓ ରୂପା ଅଳଙ୍କାର, ନଗଦ ୩୦ ହଜାର ଟଙ୍କା ଲୁଟି ନେଇଛନ୍ତି । ଘର ଭିତରେ ଥିବା ବିଭିନ୍ନ ଆସବାବପତ୍ରକୁ ସେମାନେ ଫିଙ୍ଗା ଫେପଡା କରିଛନ୍ତି। ବୁଧବାର ରାତିରେ ଚରଣ କୁମାର ଗାଁରୁ ଫେରିବା ପରେ ଘରେ ଚୋରି ହୋଇଥିବା ଜାଣି ପୋଲିସକୁ ଖବର ଦେଇଥିଲେ। ଏନେଇ ତଦନ୍ତ ଜାରି ରହିଛି ବୋଲି ଟାଉନ୍ ଥାନା ଅଧିକାରୀ ସଂଗ୍ରାମ କେଶରୀ ମିଶ୍ର ସୂଚନା ଦେଇଛନ୍ତି।

# ଘୁଞ୍ଚୁମୁରାରେ ହେବ ହାତୀ ଆଶ୍ରୟ କେନ୍ଦ୍ର



- ପଶ୍ଚିମ ଓଡିଶାରେ ପ୍ରଥମ, ୫୦ କୋଟି ବ୍ୟୟ ଅଟକଳ
- ମା' ଛେଉଣ୍ଡ, ଆହତଙ୍କୁ ଦିଆଯିବ ଆଶ୍ରୟ

**ସମ୍ବଲପୁର, ୬।୮ (ବ୍ୟୁରୋ)**

ବନ୍ୟପ୍ରାଣୀ ସୁରକ୍ଷା ପାଇଁ ସରକାରୀ ସ୍ତରରେ ବିଭିନ୍ନ ଯୋଜନା କରାଯାଉଛି। ଏପରିକି ବନ କର୍ମଚାରୀ, ଏନ୍‌ଜିଓ ସହ ଗ୍ରାମାଞ୍ଚଳରେ ଭିଏସ୍‌ଏସ୍ ଗଠନ କରି ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ଦିଗରେ ପ୍ରୟାସ ଜାରି ରଖାଯାଇଛି । ହେଲେ ବାର୍ଦ୍ଧକ୍ୟ ଜନିତ ରୋଗ ଓ ଅନ୍ୟ ରୋଗ ଆକ୍ରାନ୍ତ ହୋଇ ହାତୀ ତାଙ୍କ ପଲରୁ ଅଲଗା ହେଉଛନ୍ତି । ସେହିପରି ଛୋଟ ହାତୀ ଶାବକ ମାନେ ମା' ଛେଉଣ୍ଡ ହୋଇ ଜଙ୍ଗଲରେ ଅସହାୟ ହୋଇ ରହୁଛନ୍ତି । ଏମାନଙ୍କୁ ସୁରକ୍ଷା ଓ ଆଶ୍ରୟ ଦେବା ପାଇଁ ସମ୍ବଲପୁର ଜିଲା ଘୁଞ୍ଚୁମୁରାରେ ହାତୀ ଆଶ୍ରୟ କେନ୍ଦ୍ର ଖୋଲାଯିବ । ପଶ୍ଚିମ ଓଡିଶାରେ ଏହା ପ୍ରଥମ ବୋଲି ସମ୍ବଲପୁର ଡିଏଫଓ ଡ. ସଞ୍ଜିତ କୁମାର ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, ହାତୀ ସୁରକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ବିଭିନ୍ନ ଏନ୍‌ଜିଓ, ବନ ବିଭାଗ ମିଶି କାମ କରୁଛନ୍ତି । ଆହତମାନଙ୍କୁ ଚିକିତ୍ସା, ଛେଉଣ୍ଡ ହାତୀ ଛୁଆମାନଙ୍କୁ ଆଶ୍ରୟ ଦେବା ପାଇଁ ରେସ୍କ୍ୟୁ ସେଣ୍ଟର ଖୋଲାଯିବ। ଏଥିପାଇଁ ସମ୍ବଲପୁର ଜିଲାର ଦୁଇଟି ସ୍ଥାନ ପରିଦର୍ଶନ କରାଯାଇଥିଲା । ପିସିସିଏଫ ୱାଇଲ୍ଡଲାଇଫ୍ ହରିଶଙ୍କର ଉପାଧ୍ୟାୟ ଆସି ସ୍ଥାନ ଚିହ୍ନଟ କରି ଫେରିଛନ୍ତି।

ଘୁଞ୍ଚୁମୁରାଠାରେ ଏହା ନିର୍ମାଣ କରାଯିବାକୁ ସ୍ଥିର କରାଯାଇଛି। ଏଥିପାଇଁ ସଂରକ୍ଷିତ ଜଙ୍ଗଲରୁ ୧୦ ଏକର ଜମି ଚିହ୍ନଟ ହୋଇ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୫୦ କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ସଂରକ୍ଷିତ ଜଙ୍ଗଲରେ ହାତୀଙ୍କ ଖାଇବା ପାଇଁ ବାଉଁଶ ଗଛ ଓ ଅନ୍ୟାନ୍ୟ ଗଛ ରହିଛି। ଆବଶ୍ୟକ ପଡିଲେ ଆହୁରି ଅଧିକ ଗଛ ଲଗାଯାଇ ଘାସ ଚାଷ ମଧ୍ୟ କରାଯିବ। ବନ୍ୟପ୍ରାଣୀଙ୍କ ପାଇଁ ମୁଖ୍ୟତଃ ଖାଇବା ଓ ପାନୀୟ ଜଳ ଆବଶ୍ୟକ ରହିଥାଏ। ତେଣୁ ପ୍ରଥମେ ଖାଇବା ବ୍ୟବସ୍ଥା କଲା ପରେ ବଡ ପୋଖରୀ ଖନନ କରି ପାଣି ସଞ୍ଚୟ ରଖାଯିବ । ଜଙ୍ଗଲରେ ରହିଲା ଭଳି ଆହତ ଓ ଛେଉଣ୍ଡ ଶାବକମାନେ ବିଚରଣ କରିପାରିବେ। ତାଙ୍କର ଚିକିତ୍ସା ପାଇଁ ଏଠାରେ ଛୋଟ ଡାକ୍ତରଖାନା ନିର୍ମାଣ କରାଯିବ । ପ୍ରାଣୀଧନ ଡାକ୍ତର ନିଯୁକ୍ତ କରିବା ପାଇଁ ବନ ବିଭାଗ ପକ୍ଷରୁ ସରକାରଙ୍କୁ ଚିଠି କରାଯାଇଛି । ଜଣେ ଅଭିଜ୍ଞ ଡାକ୍ତରଙ୍କ ନିଯୁକ୍ତି ହୋଇଗଲେ କାମ ଆରମ୍ଭ କରାଯିବ । କୋଭିଡ ପାଇଁ ପ୍ରକ୍ରିୟାରେ ସାମାନ୍ୟ ବିଳମ୍ବ ହୋଇଛି । ହେଲେ ଖୁବ୍ ଶୀଘ୍ର ଏହି ଆଶ୍ରୟ କେନ୍ଦ୍ର କାର୍ଯ୍ୟ ଆରମ୍ଭ ହେବ । ବିଦ୍ୟୁତ ସଂସ୍ପର୍ଶ, ନିଜ ଭିତରେ ଲଢ଼େଇ କରି ହାତୀମାନେ ଆହତ ହୋଇଥାନ୍ତି । ସେମାନଙ୍କୁ ଉଦ୍ଧାର କରି ଏଠାରେ ଆଶ୍ରୟ ଦେଇ ଚିକିତ୍ସା କରାଯିବ । ସୁସ୍ଥ ହେଲା ପରେ ପୁଣି ଜଙ୍ଗଲରେ ତାଙ୍କ ପଲ ସହ ଛଡା ଯିବ । ସେହିପରି ଅନେକ ହାତୀ ଶାବକ ଜଙ୍ଗଲରୁ ଉଦ୍ଧାର ହୋଇଥାନ୍ତି । ସେମାନଙ୍କୁ ଏଠି ଆଶ୍ରୟ ଦିଆଯାଇ କିଛି ବର୍ଷ ରଖିଲା ପରେ ପୁଣି ଜଙ୍ଗଲରେ ଛାଡି ଦିଆଯିବ। ହାତୀ ସୁରକ୍ଷା ପାଇଁ ବିଭିନ୍ନ ଯୋଜନା କରାଯାଉଛି । ମୋବାଇଲ ଆପ୍, ଟ୍ରାକିଂ ବ୍ୟବସ୍ଥା, ପାଟ୍ରୋଲିଂ ବ୍ୟବସ୍ଥା ରହିଛି। ଟ୍ରାକରମାନେ ପ୍ରତିଦିନ ହାତୀମାନଙ୍କ ଗତିବିଧି ଉପରେ ନଜର ରଖି ସୂଚନା ଦେଉଛନ୍ତି । ଜଙ୍ଗଲରେ ସେମାନଙ୍କ ଖାଦ୍ୟାଭାବ ଯୋଗୁ ଅନେକ ସମୟରେ ଗାଁ ମୁହାଁ ହେଉଛନ୍ତି । ମଣିଷ ଓ ହାତୀ ମୁହାଁମୁହିଁ ହୋଇ ଧନଜୀବନ ନଷ୍ଟ ହେଉଛି । ହାତୀଙ୍କ ପାଇଁ ଏହି ଆଶ୍ରୟ କେନ୍ଦ୍ର ଖୋଲାଯାଇଥିଲେ ମଧ୍ୟ ଅନ୍ୟ ବନ୍ୟପ୍ରାଣୀଙ୍କୁ ମଧ୍ୟ ଆଶ୍ରୟ ଦେବାର ବ୍ୟବସ୍ଥା କରାଯିବ ବୋଲି ଡିଏଫଓ ଡ. କୁମାର କହିଥିଲେ।

# ଚିକିତ୍ସା ଅବହେଳାରୁ କଳାକାର ମୃତ

**ରାଉରକେଲା ଅଫିସ, ୬।୮**

**ତଦନ୍ତ ଦାବି କଲା ନାଗ୍ରା ତନ୍ତି ସମାଜ**

ଷ୍ଟିଲସିଟି ତଥା ସୁନ୍ଦରଗଡ ଜିଲାର ଜଣାଶୁଣା ସମ୍ବଲପୁରୀ କଣ୍ଠଶିଳ୍ପୀ ସଞ୍ଜୟ ତନ୍ତି(୪୫)ଙ୍କର ଚିକିତ୍ସା ଅବହେଳା ଜନିତ କାରଣରୁ ଗତ ଶୁକ୍ରବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ସେତେବେଳେ ତାଙ୍କ ପରିବାର ପକ୍ଷରୁ ଏନେଇ ତୀବ୍ର ଅସନ୍ତୋଷ ବ୍ୟକ୍ତ କରାଯାଇଥିଲା। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି ନେଇ ଗୁରୁବାର ନାଗ୍ରା ତନ୍ତି ସମାଜ ପକ୍ଷରୁ ରାଉରକେଲା ଅତିରିକ୍ତ ଜିଲାପାଳ ଆବୋଲି ସୁନୀଲ ନରୱଣେଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ସଂଗଠନ କର୍ମକର୍ତ୍ତା ପ୍ରଭାକର ତନ୍ତି, ସାଧାରଣ ସମ୍ପାଦକ ରବୀନ୍ଦ୍ର ତନ୍ତି ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, କରୋନା ସଂକ୍ରମଣ ଆଳରେ ଚିକିତ୍ସା ଅବହେଳାରୁ ଜଣେ ଲୋକପ୍ରିୟ କଳାକାରଙ୍କ ମୃତ୍ୟୁ ଘଟିଛି। ପରୀକ୍ଷଣରୁ ସେ କରୋନା ନେଗେଟିଭ ଥିବା ସତ୍ତ୍ୱେ ତାଙ୍କୁ ଉଭୟ ଘରୋଇ ଓ ସରକାରୀ ଡାକ୍ତରଖାନା କର୍ତ୍ତୃପକ୍ଷ ଚିକିତ୍ସା କଲେ ନାହିଁ। ଏହି ପରିସ୍ଥିତିରେ କେଉଁ କାରଣରୁ ତାଙ୍କର ମୃତ୍ୟୁ ହେଲା ଏହାର ତଦନ୍ତ କରାଯିବା ଆବଶ୍ୟକ ବୋଲି ସମାଜ ପକ୍ଷରୁ ଦାବି କରାଯାଇଛି।



ବୁଧବାର ରାତିରେ ପ୍ରବଳ ବର୍ଷା ହେବାରୁ ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଚୌକାମାଲ-ବାବୁପାଲି ଆର.ଡି.ରାସ୍ତାରେ ପଡୁଥିବା ରପ୍‌ଟା ପୋଲ ଉପର ଦେଇ ୩ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି । ଫଳରେ ପୋଲ ଦେଇ ଯାତାୟାତ ବନ୍ଦ ହୋଇଯାଇଛି । (ଫଟୋ-ବିପ୍ଳବ)

# ସମ୍ବଲପୁରରେ ସଂକ୍ରମିତଙ୍କ ସଂଖ୍ୟା ୮୩୬

**ସମ୍ବଲପୁର,୬।୮(ବ୍ୟୁରୋ)**

ସମ୍ବଲପୁର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୮୩୬ରେ ପହଞ୍ଚିଛି। ପ୍ରଶାସନ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ଗୁରୁବାର ଗୋଟିଏ ଦିନରେ ୧୦୧ ପଜିଟିଭ ଚିହ୍ନଟ ହୋଇଛନ୍ତି । ମୋଟ୍ ସଂକ୍ରମିତଙ୍କ ମଧ୍ୟରୁ ୩୪୧ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୪୯୪ ଜଣ ଚିକିତ୍ସିତ ହେଉଛନ୍ତି । ଜଣେ ରୋଗୀଙ୍କ ମୃତ୍ୟୁ ଘଟିଛି। ଜିଲାର ସ୍ଥିତିକୁ ନେଇ ଜିଲାପାଳ ଶୁଭମ ସକସେନା ଅଧିକାରୀମାନଙ୍କ ସହ ଭିଡିଓ କନ୍‌ଫ୍ରେନ୍ସିଂ ମାଧ୍ୟମରେ ଆଲୋଚନା କରିଛନ୍ତି । ଏହି ଆଲୋଚନାରେ କୁଚିଣ୍ଡା ଉପଜିଲାପାଳ ବିଶ୍ୱରଞ୍ଜନ ନାଏକ, ରେଢାଖୋଲ ଉପଜିଲାପାଳ ଡୋଲାମଣି ପଟେଲ, ସଦର ଉପଜିଲାପାଳ ଅନିରୁଦ୍ଧ ପ୍ରଧାନଙ୍କ ସହିତ ଦାୟିତ୍ୱରେ ଥିବା ବିଡିଓ ଓ ତହସିଲଦାର ଉପସ୍ଥିତ ଥିଲେ । ସଭିଲେନ୍ସ ରିପୋର୍ଟ, ସ୍ୱାବ୍ ନମୁନା ସଂଗ୍ରହ ଓ ସ୍ୱାବ୍ ଟେଷ୍ଟ ସଂକ୍ରାନ୍ତରେ ଜିଲାପାଳ ଆଲୋଚନା କରିଥିଲେ । ମହାନଗର ନିଗମ ଅଧୀନ ଅଞ୍ଚଳରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉ ଥିବାରୁ ପ୍ରଶାସନ ଚିନ୍ତାରେ ପଡିଛି ।

## ଭାରତ ଗ୍ୟାସ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ସମ୍ବଲପୁର, ୬।୮(ବ୍ୟୁରୋ)**

କୋଭିଡ-୧୯ ମହାମାରୀକୁ ଦୃଷ୍ଟିରେ ରଖି ଉପଭୋକ୍ତାମାନଙ୍କ ସୁବିଧା ଲାଗି ବରଗଡ଼ ଭାରତ ଗ୍ୟାସ୍ ବିତରକଙ୍କ ପକ୍ଷରୁ ଜନସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ହ୍ୱାଟ୍ସଆପ୍ ଜରିଆରେ ଘରେ ରହି ଉପଭୋକ୍ତାମାନେ ଗ୍ୟାସ୍ ବୁକିଂ ସହ ଅନ୍ୟାନ୍ୟ ସୁବିଧା ପାଇପାରିବେ । ଗ୍ରାହକଙ୍କ ଜୀବନ ଶୈଳୀରେ ସୁଧାର ଓ ଭାରତ ଗ୍ୟାସ୍ ପ୍ରତିଷ୍ଠାନ ଦ୍ୱାରା ଗ୍ରାହକଙ୍କ ଦେୟ ସୁବିଧା, ଗୁଣବତ୍ତାରେ ସୁଧାର ଆଣିବା ଏହାର ମୂଳ ଲକ୍ଷ୍ୟ । ଉପଭୋକ୍ତାମାନେ ଘରେ ରହି ନିଜ ପଞ୍ଜିକୃତ ମୋବାଇଲରୁ ସମସ୍ତ ସୁବିଧା ଉପଭୋଗ କରିପାରିବେ ବୋଲି ଭାରତ ଗ୍ୟାସ ଟେରିଟୋରୀ ମ୍ୟାନେଜର ମନୋଜ କୁମାର ଓ ବାଣିଜ୍ୟ ଅଧିକାରୀ ରାମପ୍ରବେଶ ଦାଶ ପ୍ରେସ ବିବୃତିରେ ଜଣାଇଛନ୍ତି ।

## ବଡପଡା, ବଜାରପଡା କଣ୍ଟେନମେଣ୍ଟ ଜୋନ୍

**ଜୁନାଗଡ,୬।୮(ଡି.ଏନ୍.ଏ)**

କଳାହାଣ୍ଡି ଜିଲା ଜୁନାଗଡ ସହରର ୩ କରୋନା ପଜିଟିଭ ଚିହ୍ନଟ ପରେ ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ସଂକ୍ରମିତଙ୍କ ଅଞ୍ଚଳ ବଜାରପଡା ଓ ବଡପଡାଙ୍କୁ କଣ୍ଟେନମେଣ୍ଟଜୋନ୍ ଘୋଷଣା କରାଯାଇଛି । ଏହି ସମୟରେ ଘରୁ କେହି ବାହାର ନ ବାହାରି କୋଭିଡ ନିୟମ ମାନିବାକୁ ପଡବାସୀଙ୍କୁ ସୂଚନା ଦିଆଯାଇଛି। ଏହି ଅଞ୍ଚଳର ୩କିମି ଯାଏଁ ବଫର ଜୋନ୍ ଘୋଷଣା କରାଯାଇଛି। ଏହା ଅଗଷ୍ଟ ୧୨ତାରିଖ ମଧ୍ୟ ରାତ୍ରି ଯାଏ ଲାଗୁ ରହିବ।

# ବଲାଙ୍ଗୀର ଜିଲା: ୮ରୁ ପୁଣି ୪ ଦିନିଆ ଶଟ୍‌ଡାଉନ୍



ଜିଲା କାରାଗାରରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ କଣ୍ଟାକ୍ଟ ଟ୍ରେସିଂ କରି ଆଣ୍ଟିଜେନ୍ ଟେଷ୍ଟ କରୁଛନ୍ତି ।

- ଦୋକାନ ବଜାର, ଗାଡି ଚଳାଚଳ ବନ୍ଦ
- ୫୫୧ରେ ପହଞ୍ଚିଲା ସଂକ୍ରମିତଙ୍କ ସଂଖ୍ୟା

**ବଲାଙ୍ଗୀର ଅଫିସ, ୬।୮**

ବଲାଙ୍ଗୀର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟାରେ ଦ୍ରୁତ ବୃଦ୍ଧି ଯୋଗୁଁ ଜିଲା ପ୍ରଶାସନ ପୁଣି ଥରେ ଜିଲାକୁ ୪ ଦିନ ଧରି ଶଟ୍‌ଡାଉନ୍ ଘୋଷଣା କରିଛନ୍ତି । ଏହି ଶଟ୍‌ଡାଉନ୍ ଆସନ୍ତା ଅଗଷ୍ଟ ୮ ତାରିଖ ଶନିବାରଠାରୁ ୧୧ ତାରିଖ ଯାଏ ୪ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ । ପୂର୍ବରୁ ୩୧ ଜୁଲାଇରୁ ୩ ଅଗଷ୍ଟ ପର୍ଯ୍ୟନ୍ତ ୪ ଦିନିଆ ଶଟ୍‌ଡାଉନ୍ ଘୋଷଣା କରାଯାଇଥିଲା । ଏହି ଶଟ୍‌ଡାଉନ୍‌ରେ ଜିଲାର ସମସ୍ତ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଦୋକାନ ବଜାର, ସ୍କୁଲ କଲେଜ, ସରକାରୀ ଓ ବେସରକାରୀ ଅଫିସ, ବାଣିଜ୍ୟିକ ଅନୁଷ୍ଠାନ, ଗାଡି ମୋଟର ଚଳାଚଳ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । କୌଣସି ସ୍ଥାନରେ ଭିଡ ବା ସମାବେଶ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗତ ୭ଦିନ ମଧ୍ୟରେ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୫୧ରେ ପହଞ୍ଚିଛି। ବୁଧବାର ମିଳିଥିବା ରିପୋର୍ଟ ମୁତାବକ ଜିଲାରେ ନୂଆ ୨୧ ଜଣ ଚିହ୍ନଟ ହୋଇଛନ୍ତି। ଜିଲା କାରାଗାରରେ ଜଣେ କର୍ମଚାରୀ କରୋନା ସଂକ୍ରମିତ ଜଣାପଡିବା ପରେ ତାଙ୍କର କଣ୍ଟାକ୍ଟ ଟ୍ରେସିଂ କରାଯାଇଥିଲା । ଗୁରୁବାର ସ୍ୱାସ୍ଥ୍ୟ ବିଭାଗ ଟିମ୍ ସେଠାକୁ ଯାଇ ୨୫ ଜଣଙ୍କ ଆଣ୍ଟିଜେନ୍ ଟେଷ୍ଟ କରିଥିଲେ । ତେବେ ସେ ସମସ୍ତଙ୍କ ରିପୋର୍ଟ ନେଗେଟିଭ ଆସିଛି । ଅନ୍ୟପକ୍ଷେ ଅନ୍ୟ ୧୨ ଜଣଙ୍କ ସ୍ୱାବ୍ ନମୁନା ରିପୋର୍ଟ ଏପର୍ଯ୍ୟନ୍ତ ମିଳିପାରି ନ ଥିବା ଜଣାପଡିଛି।

# ମା'ଙ୍କ ସମେତ ଭାଇ, ଭାଉଜ ବୋହିଲେ ମୃତଦେହ

**ବରଗଡ଼ ଅଫିସ୍,୬।୮**

**ସତ୍କାର ପାଇଁ ଆସିଲେନି ସାହିପଡିଶା**

କରୋନା ସଂକ୍ରମଣକୁ ନେଇ ଭୟ ବଢ଼ି ଚାଲିଛି। ଏପରିକି ଅନ୍ୟ ରୋଗରେ ମୃତ୍ୟୁ ଘଟିଲେ ମଧ୍ୟ ମୃତଦେହ ସତ୍କାର ପାଇଁ ସାହିପଡିଶା ପଛଘୁଞ୍ଚା ଦେଉଛନ୍ତି । ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ତାଲପାଲି ଗ୍ରାମରେ ବୁଧବାର ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ତାଲପାଲି ଗ୍ରାମର ନବେ ମିର୍ଦ୍ଧା (୨୦) ନାମକ ଜଣେ ଯୁବକ ଅସୁସ୍ଥ ହେବା ପରେ ତାଙ୍କୁ ଗୁଦେରପାଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କ ମୃତ୍ୟୁ ହୋଇଥିଲା। ପରେ ପରିବାର ଲୋକେ ଗ୍ରାମକୁ ମୃତଦେହ ଆଣିଥିଲେ । ତେବେ କରୋନ ଭୟ ଯୋଗୁ ମୃତଦେହକୁ କାନ୍ଧ ଦେଇ ସତ୍କାର କରିବାକୁ ସାହିପଡିଶା ନ ଆସିବାରୁ ପରିବାର ଲୋକଙ୍କ ଚିନ୍ତା ବଢ଼ି ଯାଇଥିଲା । ବିଳମ୍ବିତ ସମୟ ପର୍ଯ୍ୟନ୍ତ ମୃତଦେହ ଘରେ ପଡି ରହିଥିଲା। ପରେ ମୃତକଙ୍କ ମା'ଙ୍କ ସମେତ ଭାଇ, ଭାଉଜ ମୃତଦେହକୁ ଶ୍ମଶାନକୁ ନେଇଥିଲେ। ଖବର ପାଇ ସରପଞ୍ଚ ସୁଶାନ୍ତ କୁମାର ସାହୁ ସେଠାକୁ ପହଞ୍ଚିଥିଲେ । ଜେସିବି ମେଶିନ ଡାକି ସେଠାରେ ଗାତ ଖୋଳାଯାଇଥିଲା ଏବଂ ସେଠାରେ ମୃତଦେହକୁ ପୋତା ଯାଇଥିଲା।

# ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

**ବରପାଲି,୬।୮(ଡି.ଏନ.ଏ)**

ବରଗଡ଼ ଜିଲା ବରପାଲି ଜଗନ୍ନାଥ ନଗରସ୍ଥିତ କାଇଁଶିର ରାସ୍ତା ପାର୍ଶ୍ୱରେ ରହିଥିବା ବିହନ ବ୍ୟବସାୟୀ ଦୀନବନ୍ଧୁ ଗଡ଼ତିଆଙ୍କ ଘରୁ ବୁଧବାର ରାତ୍ରିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି । ଚୋରମାନେ ପାଚେରି ଡେଇଁ ପଶିବା ସହିତ ଘର କବାଟ ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଗହଣା, ଆସବାବପତ୍ର ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି । ଏ ନେଇ ପୋଲିସ ଏକ ମାମଲା (ନଂ.୨୩୪/୨୦) ରୁଜୁ କରି ଅଧିକ ତଦନ୍ତ କରୁଛି।

# ବଳାତ୍କାର ଘଟଣାକୁ ଆପୋସ ସମାଧାନ ପାଇଁ ପୋଲିସର ପରାମର୍ଶ

- ବାପା ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର
- ନ୍ୟାୟ ଅପେକ୍ଷାରେ ପୀଡିତାଙ୍କ ପରିବାର

**ଝାରସୁଗୁଡ଼ା ଅଫିସ,୬।୮**

ଝାରସୁଗୁଡ଼ା ଜିଲା ଲଇକେରା ଥାନା ଅଞ୍ଚଳରେ ଗତ କିଛିଦିନ ତଳେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିଲା । ଏହି ମାମଲା ଥାନାକୁ ଆସିବା ପରେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ ଆପୋସ ସମାଧାନ କରିବାକୁ ଅଭିଯୋଗକାରୀଙ୍କୁ ପୋଲିସ ପରାମର୍ଶ ଦେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ଅନ୍ୟପକ୍ଷେ ପୋଲିସର ସବୁ ଉଦ୍ୟମ ପରେ ବି ଏହି ବିବାଦ ସମାଧାନ ହୋଇ ନ ଥିଲା । ଶେଷରେ ପୋଲିସ ମାମଲା ରୁଜୁ କରିବାକୁ ବାଧ୍ୟ ହୋଇଥିଲା । ଏହାପରେ ବି ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଅନୁକମ୍ପା ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଛି। ଏହି ଘଟଣା ସମ୍ପର୍କରେ ଏସ୍‌ପିଙ୍କୁ ଅବଗତ କରାଯାଇଛି । ଆଜି ପର୍ଯ୍ୟନ୍ତ ପୀଡିତା ନ୍ୟାୟ ପାଇ ନ ଥିବା ତାଙ୍କ ପରିବାର ଲୋକେ କହିଛନ୍ତି । ଇତିମଧ୍ୟରେ ଏକମାସ ବିତିଛି । ପୀଡିତା ଓ ତାଙ୍କ ପରିବାର ସଦସ୍ୟମାନେ ମାନସିକ ଦୁଶ୍ଚିନ୍ତା ମଧ୍ୟରେ ଦିନ କାଟୁଛନ୍ତି। ଯାହା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଲଇକେରା ଥାନା ଅଞ୍ଚଳର ଶ୍ରୀବସ୍ତ ମହାନନ୍ଦଙ୍କ ପୁଅ ଆକାଶଙ୍କ ସହିତ ସ୍ଥାନୀୟ ଗ୍ରାମର ଜଣେ ୧୬ ବର୍ଷର ନାବାଳିକାଙ୍କ ପ୍ରେମ ସମ୍ପର୍କ ଥିଲା। ଏକଥା ଜଣାପଡିବା ପରେ ନାବାଳିକାଙ୍କ ପରିବାର ପକ୍ଷରୁ ବିରୋଧ କରାଯାଇଥିଲା। ଏ ସଂକ୍ରାନ୍ତରେ ଶ୍ରୀବସ୍ତଙ୍କୁ ମଧ୍ୟ ଅବଗତ କରାଯାଇଥିଲା । ହେଲେ ଆକାଶ କାହାକୁ ଭୃକ୍ଷେପ ନ କରି ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଗତ ଜୁନ ୨୪ ରେ ଆକାଶ ଉକ୍ତ ନାବାଳିକାଙ୍କୁ ନିଜ ଘରକୁ ନେଇଯାଇଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ପରିବାର ଲୋକେ ଜାଣିବା ପରେ ସ୍ଥାନୀୟ ସରପଞ୍ଚ ଓ ଅନ୍ୟ ଭଦ୍ରବ୍ୟକ୍ତିଙ୍କୁ ଜଣାଇଥିଲେ। ପରେ ଏହି ଘଟଣାର ସମାଧାନ ପାଇଁ ଗ୍ରାମରେ ବୈଠକ ବସିଥିଲା । ହେଲେ ବୈଠକକୁ କେବଳ ଶ୍ରୀବସ୍ତ ଆସିଥିଲେ। ନାବାଳିକା ଅନ୍ୟ ଜାତିର ହୋଇଥିବାରୁ ତାଙ୍କୁ ବୋହୂ କରିପାରିବେନି ବୋଲି ଶ୍ରୀବସ୍ତ ସ୍ପଷ୍ଟ କରିଥିଲେ। ବୈଠକରେ କୌଣସି ସମାଧାନ ନ ହେବାରୁ ନାବାଳିକାଙ୍କ ବାପା ଲଇକେରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ହେଲେ ଥାନା ଅଧିକାରୀ ପ୍ରବୀର କେଶରୀ ତ୍ରିପାଠୀ ଏହି ମାମଲାକୁ ଆପୋସ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ଏହି ବିବାଦର ସମାଧାନ ନ ହେବାରୁ ନାବାଳିକାଙ୍କ ବାପା ଥାନାରେ ଏତଲା ଦେଇଥିଲେ । ପୋଲିସ ବାଧ ହୋଇ ମାମଲା (ନଂ.୧୭୨/୨୦୨୦) ରୁଜୁ କରିଥିଲା। ହେଲେ ମୁଖ୍ୟ ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ବଦଳରେ ତାଙ୍କ ବାପା ଶ୍ରୀବସ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଜି ପର୍ଯ୍ୟନ୍ତ ଆକାଶଙ୍କୁ ପୋଲିସ ଗିରଫ କରି ପାରିନାହିଁ । ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଏସ୍‌ପି ରାହୁଲ ପିଆରଙ୍କୁ ୩ଥର ଅବଗତ କରାଯାଇଛି । ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା କେବଳ ପ୍ରତିଶ୍ରୁତିରେ ରହିଛି। ଆବଶ୍ୟକ ପଡିଲେ ସେମାନେ ଡିଜିପିଙ୍କୁ ଭେଟିବେ ବୋଲି ନାବାଳିକାଙ୍କ ସମ୍ପର୍କୀୟମାନେ ଗୁରୁବାର ଗଣମାଧ୍ୟମକୁ କହିଛନ୍ତି ।

ଏ ସମ୍ପର୍କରେ ଲଇକେରା ଥାନା ଅଧିକାରୀ ତ୍ରିପାଠୀଙ୍କୁ ପଚାରିବାରୁ ମୁଖ୍ୟ ଅଭିଯୁକ୍ତ ଫେରାର ଥିବାରୁ ତାଙ୍କୁ ଗିରଫ ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଚାଲିଛି। ଆଗକୁ ତାଙ୍କ ବିରୋଧରେ ଜାମିନ ବିହିନ ଗିରଫ ପରୱାନା ନୋଟିସ ଜାରି କରାଯିବ । ଘଟଣା ଦିନ ପୋଲିସକୁ ଜଣାଇଥିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାନ୍ତା । ହେଲେ ଗାଁ ବୈଠକରେ ମାମଲାରେ ଆପୋସ ସମାଧାନ ନ ହେବାରୁ ତାର ଗୋଟିଏ ଦିନ ପରେ ଥାନାରେ ଅଭିଯୋଗ କରାଗଲା । ଯଦି ପୋଲିସ ଆପୋସ ସମାଧାନ ପାଇଁ ପରାମର୍ଶ ଦେଇଥିଲା ତେବେ କେମିତି ମାମଲା ରୁଜୁ ହେଲା ବୋଲି ସେ ପାଲଟା ପ୍ରଶ୍ନ କରିଛନ୍ତି ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BDFC Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ମାତ୍ର ଅଳ୍ପକେତେକ କମ୍ପାନୀର ଅଛି
କମ୍ପାନୀ ତରଫରୁ ମାଗଣା ମୋବାଇଲ • ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

